**ବିଶ୍ୱ ଗ୍ଲୋକୁମା ସପ୍ତାହ ପାଳିତ**

**ବ୍ରହ୍ମପୁର ଅଫିସ:** ଏମ୍‌କେସିଜି ଚକ୍ଷୁ ବିଭାଗ ପକ୍ଷରୁ ସୋମବାର ବିଶ୍ୱ ଗ୍ଲୋକୁମା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ରାଲି ଆୟୋଜିତ ହୋଇଥିଲା। ରାଲିକୁ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଜ୍ଞା ପଣ୍ଡା ଓ ପ୍ରଫେସର ସୁଚିତ୍ରା ଦାଶ ଉଦ୍‌ଘାଟନ କରିଥିଲେ। ଗ୍ଲୋକୁମାଜନିତ ଅନ୍ଧତ୍ୱ ସମ୍ପର୍କରେ ଜନସାଧାରଣଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା.ନାଗେଶ୍ୱର ରାଓ ସୁବୁଦ୍ଧି, ଡା.ରାଜେନ୍ଦ୍ର ବେହେରା, ଡା.ସଚଳା ଭୋଇ, ଡା.ସୁଜାତା ପାଢ଼ୀ, ଡା.ସବିତା ଦେବୀ, ଡା.ସଂଯୁକ୍ତା ମହାପାତ୍ରଙ୍କ ସମେତ ବିଭାଗର ଛାତ୍ରୀଛାତ୍ର ଓ ସେବିକାମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ



ବିଷମକଟକ,୮।୩-ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ସୋମବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ସେ ବେଥିଆପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ନବ ନିର୍ମିତ ଡାଇନିଂ ହଲ୍ ଉଦ୍‌ଘାଟନ କରିଥିଲେ। ଏହାପରେ ଝିଗିଡ଼ି ପଞ୍ଚାୟତରେ ନିର୍ମିତ ସିନ୍ଥେଟିକ୍ ଭଲିବଲ ଗ୍ରାଉଣ୍ଡ, ରେଷ୍ଟସେଡ୍, ଥୁଆପାଡ଼ି ଠାରେ ଭଲିବଲ୍ ଗ୍ରାଉଣ୍ଡ ଉଦ୍‌ଘାଟନ କରିଥିଲେ। ପରେ ହାଟମୁନିଗୁଡ଼ା ସଦରସ୍ଥିତ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ନୂତନ ଡାଇନିଂ ହଲ୍ ଏବଂ ହାଇସ୍କୁଲ ପରିସରରେ ଏକ ନୂତନ ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ। ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ମୋ ସରକାର ପ୍ରକୋଷ୍ଠ, ଯନ୍ତ୍ରୀ କକ୍ଷ ଏବଂ ଏକ ଡାକ ବଙ୍ଗଳାର ଉଦ୍‌ଘାଟନ କରିଥିଲେ। ଏଥିସହ ବିଷମକଟକ ପ୍ରାଥମିକ ଶିକ୍ଷକ ସଂଘର ଶିକ୍ଷକ ଭବନ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ବିଷମକଟକ ସହର ଦେଇ ଯାଉଥିବା ରାଜ୍ୟ ରାଜପଥରେ ୩୫ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ଆଲୋକୀକରଣ ବ୍ୟବସ୍ଥାର ମଧ୍ୟ ଲୋକାର୍ପଣ କରିଥିଲେ। ମନ୍ତ୍ରୀଙ୍କ ଗସ୍ତବେଳେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ବ୍ଲକ ଅଧକ୍ଷା ବିଜୟଶାନ୍ତି କୁମୁରିକା, ବିଡିଓ ଆଲବର୍ଟ ଲାକ୍‌ଡ଼ା, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା, ସଭ୍ୟ, ରାଜ୍ୟ ଖଦି ଗ୍ରାମୋଦ୍ୟୋଗ ବୋର୍ଡ ସଦସ୍ୟ ପୃଥ୍ୱୀରାଜ ସାହୁ, ବିଜେଡି ବ୍ଲକ୍ ସଭାପତି ଦେବୀ ପଟ୍ଟନାୟକ, ଡି. ଶିବପ୍ରସାଦ, ରବିନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଗାନ୍ଧିଜୀଙ୍କ ଶତବାର୍ଷିକୀ ପାଳନ ନେଇ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ୍,୮।୩:** ଫୋରମ୍ ଫର୍ ଗଞ୍ଜାମ ପକ୍ଷରୁ ଆର୍ଯ୍ୟଭଞ୍ଜ ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍ଯ୍ୟଭଞ୍ଜ ଫାଉଣ୍ଡେସନ ଦ୍ୱାରା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନର ଶତବାର୍ଷିକୀ ପାଳନ ପାଇଁ ନିଆଯାଉଥିବା ନିଷ୍ପତ୍ତିକୁ ଫୋରମ୍ ପକ୍ଷରୁ ସମର୍ଥନ ଜଣାଯାଇଛି।

### ରାମଲିଙ୍ଗେଶ୍ୱର ମହୋତ୍ସବକୁ ନେଇ ଭାଜପାର ଅଭିଯୋଗ

**ବ୍ରହ୍ମପୁର ଅଫିସ, ୮।୩:** ରାଜ୍ୟରେ ପୁଣି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ସମସ୍ତ ଜିଲା ପ୍ରଶାସନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେବା ସହ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅବଗତ ମଧ୍ୟ କରାଯାଇଛି। ତେବେ ଚଳିତ ଶିବରାତ୍ରିରେ ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ହେବାକୁ ଥିବା ରାମଲିଙ୍ଗେଶ୍ୱର ମହୋତ୍ସବକୁ କିଭଳି ଅନୁମତି ଦିଆଗଲା ବୋଲି ପୂର୍ବତନ ଜିଲା ଭାଜପା ସଭାପତି ତଥା କାହ୍ନୁ ଚରଣ ପତି ପ୍ରଶ୍ନ କରିଛନ୍ତି। କରୋନାକୁ ଦୃଷ୍ଟିରେ ରଖି ନିୟମ ମାନି ଚଳିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଥିବା ବେଳେ ବ୍ୟବସାୟିକ ଦୃଷ୍ଟିରୁ ଟିକଟ ବ୍ୟବସ୍ଥା କରି ଏଭଳି କାର୍ଯ୍ୟକ୍ରମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଗଞ୍ଜାମର ପରମ୍ପରା, ଐତିହ୍ୟ ଓ ଦଣ୍ଡନାଚକୁ ଅନୁମତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ବିଗତ ଦିନରେ ରାମଲିଙ୍ଗମ୍ ପାର୍କରେ ଯେଉଁ ଭଳି ଭିଡ଼ ହୋଇଥିଲା ତାକୁ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ସେହିଭଳି କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି କଳାକାରଙ୍କୁ ମଞ୍ଚ କଳା ପାଇଁ ଅନୁମତି ଦିଆଯାଉ ନ ଥିବା ବେଳେ ଆଜି ସେମାନେ ପେଟପାଟଣା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଠିକ୍ ଏହି ସମୟରେ ଜିଲା ପ୍ରଶାସନ ଓ ବିଏମସିର ଏଭଳି ରାମଲିଙ୍ଗେଶ୍ୱର ମହୋତ୍ସବ ନାଁରେ ଟିକଟ କରି କାର୍ଯ୍ୟକ୍ରମ ଆୟୋଜନ କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି।

# ଶତ ପ୍ରତିଶତ ମହିଳା ସାକ୍ଷର ହେଲେ ବିକାଶ ସମ୍ଭବ

ରାୟଗଡ଼ା ଅଫିସ/ଗୁଣପୁର/ମୁନିଗୁଡ଼ା, ୮।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରର ଜିଲାପାଳ ନିଜ ବକ୍ତବ୍ୟରେ କହିଛନ୍ତି, ଶତ ପ୍ରତିଶତ ମହିଳା ସାକ୍ଷର ହେଲେ ହିଁ ବିକାଶ ହୋଇପାରିବ। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଏଲ୍‌ଏସ୍‌ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ଡିଆର୍‌ଡିଏ ପିଡି ଭୀମସେନ ଶବର, ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଆଇନଜୀବୀ ଶୁଭ୍ରା ପଣ୍ଡା, ସମଗ୍ର ଶିକ୍ଷାର ସଂଯୋଜିକା ଆନେସ୍ଥେସିଆ କେର୍କେଟା, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ସେହିପରି ପ୍ରତ୍ୟେକ ମହିଳା ଡିଏଲ୍‌ଏସ୍‌ଏଠାରୁ ସହାୟତା ପାଇପାରିବେ ବୋଲି ଏହି ଅବସରରେ ଡିଏଲ୍‌ଏସ୍‌ଏ ସମ୍ପାଦକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଆଇବି ଇନ୍ସପେକ୍ଟର ସିପ୍ରା କୁମାରୀ, ଜିଲା କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ମରୀ ପାଢ଼ୀ, ଜିଲା ବାଲ୍ୟ ବିବାହ ନିଷେଧ ପରାମର୍ଶଦାତା ରତ୍ନେଶ୍ୱର ସାହୁ, ମମତା ଯୋଜନାର ଜିଲା ସଂଯୋଜକ ଜିତେନ୍ଦ୍ର ମହାପା, ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, ଆଇସିଡିଏସ୍ ଅଧିକାରୀ ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।



ରାୟଗଡ଼ା ଜିଲାପାଳ ଜଣେ ମହିଳାଙ୍କୁ ସମ୍ମାନିତ କରୁଛନ୍ତି ।

ସେହିପରି ଗୁଣପୁରଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ଗୁଣପୁର କଲେଜର ଛାତ୍ରୀଛାତ୍ର ୨୦ୟନିଟୁ ରକ୍ତଦାନ କରିଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜର ଅଧ୍ୟକ୍ଷ ବାମଦେବ ମିଶ୍ରଙ୍କ ସମେତ ଡାକ୍ତର ରତିକାନ୍ତ ସାହୁ ଉପସ୍ଥିତ ରହି ଶିବିରର ଉଦ୍‌ଘାଟନ କରିଥିଲେ। ସେହିପରି କଲେଜ ପକ୍ଷରୁ ଏକ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ପ୍ରତିଭା କର ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିରେ କଲେଜର ଅଧାପିକା, ଅଧାପକ ଉପସ୍ଥିତ ଥିଲେ। ସେହିପରି ଗୁଣପୁର

**ଅନ୍ତର୍ଜାତୀୟ ମହିଳା ଦିବସ**

କୋର୍ଟ ଭିଡିଓ କନ୍‌ଫରେନ୍ସ ହଲ୍‌ଠାରେ ମଧ୍ୟ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ମହିଳା ଦିବସ ପାଳନ ହୋଇଥିଲା। ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଏଡିଜେ ଅଜୟ କମାର ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସବ୍‌ଜଜ୍ ସଙ୍ଗୀତା ମଲିକ, ଏସଡିଜେଏମ୍ ବିଭୁତି ଭୂଷଣ ନାୟକ, ଓକିଲ ସଂଘର ସମ୍ପାଦକ ରମେଶ ଚନ୍ଦ୍ର ଲିମା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟରେ ମଧ୍ୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ପଦ୍ମଶ୍ରୀ ପାଇଁ ମନୋନିତ ହୋଇଥିବା ସାମାଜିକ କର୍ମୀ ଶାନ୍ତି ଦେବୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।

ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ଏବଂ କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଏବଂ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁନିଗୁଡ଼ା ଥାନାଧିକାରୀ ସୁଜ୍ଞାନୀ ସାହୁ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କଲେଜ ଅଧ୍ୟକ୍ଷ ହୃଷିକେଶ ଜାଲିଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ଏବଂ ଅଧାପିକା, ଅଧାପକ ଉପସ୍ଥିତ ଥିଲେ।

# ନିଟ୍ ପରୀକ୍ଷାରେ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୮।୩

ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ୨୦୨୦ ନିଟ୍ ଟପ୍ପର ଦୀପକ କୁମାର ଗୌଡ଼ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଦୀପକ ଏଠାରେ ଯୁକ୍ତ ୨ ବିଜ୍ଞାନ ଅଧ୍ୟୟନ ପରେ ଉକ୍ତ ବିଭାଗରେ ଥିବା ଏକ କୋଚିଂ ସେଣ୍ଟରରେ ବର୍ଷକିଆ ମେଡ଼ିକାଲ କୋର୍ସ କରିଥିଲେ । ୨୦୨୦ ନିଟ୍ ପରୀକ୍ଷାରେ ସର୍ବୋଚ୍ଚ ୬୯୦ ମାର୍କ ରଖି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ଅଧ୍ୟୟନ କରୁଛନ୍ତି। ଦୀପକଙ୍କ ଏହି ସଫଳତା ପାଇଁ କୋଚିଂ ଡ଼ିଭିଜନର କାର୍ଯ୍ୟରତ ଅଭିଜ୍ଞ ଓ ଉତ୍ସର୍ଗୀକୃତ ଶିକ୍ଷକଙ୍କ ଶିକ୍ଷାଦାନ ପ୍ରଣାଳୀ, ଆଧୁନିକ ପରୀକ୍ଷା ପ୍ରଣାଳୀ ସଂଗଠିତ ବ୍ୟବସ୍ଥା, ଉଚ୍ଚକୋଟୀର ପାଠ୍ୟଖସଡ଼ା. ଆତ୍ମବିଶ୍ୱାସ ଓ କଠୋର ପରିଶ୍ରମ ଦ୍ୱାରା ସମ୍ଭବ ହୋଇଛି । ଦୀପକ ସଫଳତା ପାଇଁ ପରିଚାଳନା କମିଟି ସଭାପତି ଡ଼. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ଼. ହରେକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, ସଦସ୍ୟ ନୀଳକଣ୍ଠ ସାହୁ, ବାସନ୍ତି ବେହେରା, ଅଧ୍ୟକ୍ଷ ଏସ୍ ମୋହନ ରାଓ, ପ୍ରଧାନାଚାର୍ଯ୍ୟ ଉମା ମାଧବ ମହାନ୍ତି ଓ ସୁବ୍ରତ କୁମାର ପାଣିଗ୍ରାହୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରଙ୍ଗମଞ୍ଚ ପୁନରୁଦ୍ଧାର ଦାବି

ବ୍ରହ୍ମପୁର ଅଫିସ୍,୮।୩

ଦଣ୍ଡ ପରମ୍ପରା, ସଂସ୍କୃତି ଓ ରଙ୍ଗମଞ୍ଚର ପୁନରୁଦ୍ଧାର ପାଇଁ ଓଡ଼ିଶା ଚିତ୍ରାଳୟ ମାଲିକ ସଂଘ ଗଞ୍ଜାମ ଜିଲା ଶାଖା ଦାବି କରିଛି। ଏ ନେଇ ରବିବାର ଗୋଷାଣୀନୂଆଗାଁରେ ଏକ ଖବରଦାତା ସମ୍ମିଳନୀ ସଂଘ ସଭାପତି ଦିଲୀପ କୁମାର ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣାରେ ଜିଲା ପ୍ରଶାସନ ମୁକ୍ତ ମଞ୍ଚ ନାଟକ ପରିବେଷଣ ନେଇ ସ୍ୱୀକୃତି ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ଦଣ୍ଡନାଚ ମହାସଂଘ ସଭାପତି ଶିବରାମ ପ୍ରଧାନ, ନାଟ୍ୟଗୁରୁ ଜି.ରାଜେନ୍ଦ୍ର ରେଡ୍ଡୀ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପରମ୍ପରା ଓ ସଂସ୍କୃତି ଆମର ସ୍ୱାଭିମାନ ବୋଲି କହିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ଗଞ୍ଜାମ ଜିଲା ଦଣ୍ଡନାଟ ମହାସଂଘ, ଦକ୍ଷିଣ ଓଡ଼ିଶା କଳାକାର ମହାସଂଘ, ମା'କୁରେଇଶୁଣୀ ଲୋକକଳା ନିର୍ଦ୍ଦେଶକ ସଂଘ, ଜିଲା ଶବ୍ଦାଲୋକ ଓ ଚିତ୍ରାଳୟ କାରିଗର ସଂଘ ଓ ମଞ୍ଚ ଜ୍ୟୋତି ପ୍ରମୁଖ ସଂଗଠନ ସାମିଲ ହୋଇଥିଲେ।

# ଦେଶର ପ୍ରଗତି ସ୍ରୋତରେ ସାମିଲହେବାକୁ ପରାମର୍ଶ

କୋରାପୁଟ,୮।୩(ସ୍ୱ.ପ୍ର)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଦେଶର ପ୍ରଗତି ସ୍ରୋତରେ ମହିଳାମାନଙ୍କୁ ସାମିଲ ହେବାକୁ ଉପସ୍ଥିତ ଅତିଥିଭାବେ ଆହ୍ୱାନ ଦେଇଛନ୍ତି। ପ୍ରଗତି ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ପ୍ରଭାକର ଅଧିକାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ,ସମ୍ମାନିତ ଅତିଥି ରୂପେ ପୂର୍ବତନ ଜିଲାପାଳ ଗଦାଧର ପରିଡା, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରସାଁନି, ଜିଲା ପରିଷଦ ସଦସ୍ୟା ପାର୍ବତୀ ମସ୍ତି, ଅଧାପିକା ଖିନସି ସିଂ ପ୍ରମୁଖ ଯୋଗଦେଇ ମହିଳାମାନେ ଆଜି ସମସ୍ତ କ୍ଷେତ୍ରରେ ପୁରଷମାନଙ୍କ ସହିତ ସମକକ୍ଷ ହୋଇପାରଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ପ୍ରଗତିର କାର୍ଯ୍ୟନିର୍ବାହୀ ଅଧିକାରୀ ଲୁନା ପଣ୍ଡା ପରିଚାଳନା କରିଥିଲେ। ଟିମ ଲିଡର ମୁରଲୀ ଅଧିକାରୀ ସହଯୋଗ କରିଥିଲେ। ସେହିପରି ଜିଲା ସମାଜ ମଙ୍ଗଳ ବିଭାଗ ଓ ମିଶନ ଶକ୍ତିର ମିଳିତ ସହଯୋଗରେ ସ୍ଥାନୀୟ ଦକ୍ଷତା ବୃଦ୍ଧି କେନ୍ଦ୍ରରେ କରାଯାଇଥିବା ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ମହିଳାମାନଙ୍କୁ ଦେଶର ବିକାଶର ସୋତ୍ରରେ ସାମିଲ ହେବାକୁ ଅହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ତୁଳସି କିରସାଁନୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନ, ସଦସ୍ୟା ପାର୍ବତୀ ମସ୍ତି ଯୋଗ ଦେଇଥିଲେ । ଜିଲା ପୁଷ୍ଟିସାଧନ ବିଭାଗର ମମତା ମହନ୍ତି ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**କୋରାପୁଟରେ ଅନ୍ତର୍ଜାତୀୟ ମହିଳା ଦିବସ**

### ଜେମ୍ ସଫ୍ଟୱେର୍‌ରେ ପଞ୍ଜୀକରଣ ନେଇ କର୍ମଶାଳା

ରାୟଗଡ଼ା ଅଫିସ,୮।୩

ଶିଳ୍ପୋଦ୍ୟୋଗୀ ସପ୍ତାହ ଉପଲକ୍ଷେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନ୍‌ଲାଇନ୍ ବିକ୍ରି ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଜେମ୍ ସଫ୍ଟୱେର୍ ବିଷୟରେ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅର୍ଥ ବିଭାଗ ଖାତାଧିକାରୀ କିଶୋର କୁମାର ଜେନା, ବ୍ୟବସାୟିକ ସୁବିଧାକାରୀ ସୁଧାଂଶୁ ପ୍ରଧାନ, ଅଗ୍ରଣୀ ବ୍ୟାଙ୍କ ମୁଖ୍ୟ ଜିଲା ପ୍ରବନ୍ଧକ ଧୀରେନ୍ଦ୍ର ବିହାରୀ, ଜିଲା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଙ୍ଗଠନର ସଭାପତି ନରୀନ କୁମୁଦନ୍ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ବିକାଶ ଚନ୍ଦ୍ର ବୈନ୍ୟଙ୍କ ସଭାପତିତ୍ୱରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜେମ୍ ସଫ୍ଟୱେର୍‌ରେ ପଞ୍ଜୀକରଣ କରି ଅଣୁ ଓ କ୍ଷୁଦ୍ର ଶିଳ୍ପ ସଂସ୍ଥାର ମାଲିକମାନେ ସେମାନଙ୍କ ବ୍ୟବସାୟ ଦ୍ରୁତଗତିରେ ଅଭିବୃଦ୍ଧି କରିପାରିବେ ବୋଲି ସେ ଏଠାରେ ମାତବକ୍ତ କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ ପ୍ରାରମ୍ଭିକ ସୂଚନା ଦେଉଥିବାବେଳେ ସହକାରୀ ପରିଚାଳକ କର୍ମଶାଳାକୁ ସଂଯୋଜନା କରିଥିଲେ। ଆୟୋଜିତ କର୍ମଶାଳାରେ ଜିଲାର ଶତାଧିକ ଶିଳ୍ପୋଦ୍ୟୋଗୀ ଯୋଗ ଦେଇଥିବାବେଳେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ମାନସ କୁମାର ପଟେଲ, ସୁଶିଲ୍ କୁମାର ବାର୍ଦ୍ଧା, ଉଲାସ ଚନ୍ଦ୍ର ବେହେରା, କୁମାରୀ ପ୍ରୀତି, ମହେନ୍ଦ୍ର ନାଥ ଗୁଡ୍ଡୁ, ଅଭିମନ୍ୟୁ ସିଂ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

# ମହିଳାଙ୍କ ସୁରକ୍ଷା ପାଇଁ ଅନେକ ଆଇନ ରହିଛି



ବୈଠକରେ ଜିଲା ଜଜ୍ ଓ ଅନ୍ୟମାନେ ।

ନବରଙ୍ଗପୁର, ୮।୩(ବି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନବରଙ୍ଗପୁରସ୍ଥିତ ବିଦ୍ୟାନିକେତନ କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ଜିଲା ଜଜ୍ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାକ୍ ପ୍ରସୂତି ନିଦାନ କୌଶଳ, ପୀଡ଼ିତାଙ୍କ ନିମନ୍ତେ ଆର୍ଥିକ ସହାୟତା, କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଏବଂ ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବାକୁ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲା ଜଜ୍ ପ୍ରଣୟ ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ସିଡବ୍ଲ୍ୟୁସି ଚେୟାରମ୍ୟାନ ଦିବାକର ବାହୁକ, ଆଇନଜୀବୀ ରାଜକିଶୋର ନାଗ, ଗୋପାଳକୃଷ୍ଣ ପାଣିଗ୍ରାହୀ, ବିଦ୍ୟାନିକେତନ କଲେଜ ଅଧ୍ୟକ୍ଷ ଅଶୋକ ମହାପାତ୍ର ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।


ନବରଙ୍ଗପୁର ଥାନାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି ।

# ଜଳୁଛି ଜଙ୍ଗଲ, ବିଭିନ୍ନ ରେଞ୍ଜ ଅଞ୍ଚଳରେ ନିଆଁ

ରାୟଗଡ଼ା ଅଫିସ,୮।୩

**ବନବିଭାଗର ପଦକ୍ଷେପକୁ ନେଇ ପ୍ରଶ୍ନ**



ରାୟଗଡ଼ା ଜିଲାର ବିଭିନ୍ନ ଜଙ୍ଗଲ ଜଳୁଛି। ୪ଦିନ ଧରି ଜିଲାର କଲ୍ୟାଣସିଂହପୁର ରେଞ୍ଜ୍‌ର ବୁଢ଼ାଗୁଡ଼ା, ଗୁଣୁପୁର ରେଞ୍ଜ୍‌ର ବାଗୁଡ଼ି, ରାୟଗଡ଼ା ରେଞ୍ଜ୍‌ର ଗୁମା କଡୁପାଡୁ , ମୁନିଗୁଡ଼ା ରେଞ୍ଜ୍‌ର ଡ଼େଙ୍ଗୁଣି ଏବଂ ଚାଟିକଣା ଜଙ୍ଗଲରେ ନିଆଁ ଜଳୁଥିବା ଦେଖିବାକୁ ମିଳିଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ କୋଇଲା ପାଇଁ ଲୋକେ ନିଆଁ ଲଗାଉଥିବା ଶୁଣିବାକୁ ମିଳୁଛି। ତେବେ ନିଆଁ ଲିଭାଇବା ନିମନ୍ତେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ବଷୟରେ ଜାଣିବା ପାଇଁ ଡିଏଫ୍‌ଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରୁନି।

### ମିଳୁନି ସୁରାକ, ଚିନ୍ତାରେ ପୋଲିସ

**ବ୍ରହ୍ମପୁର ଅଫିସ,୮।୩:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶରଧାବାଲି ତୃତୀୟ ଲାଇନର ଏକ ତାଲାବନ୍ଦ ଘରୁ ଚୋରମାନେ ଚୋରି କରିଥିଲେ। ଏ ନେଇ ଦଣ୍ଡପାଣି ସେଠୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୧୫ ଦିନ ପରେବି ପୋଲିସକୁ କିଛି ସୁରାକ ମିଳିପାରିନାହିଁ। ଘଟଣାରୁ ପ୍ରକାଶ, ଦଣ୍ଡପାଣି ଶରଧାବାଲି ତୃତୀୟ ଲାଇନରେ ଭଡ଼ାରେ ରହୁଛନ୍ତି। ସେ ଘରେ ତାଲା ପକାଇ ସପରିବାର ଡେଙ୍ଗାପଦର ଯାଇଥିଲେ। ଗତ ୨୧ ତାରିଖ ସକାଳେ ଦଣ୍ଡପାଣି ଘରକୁ ଫେରି ଦେଖିବା ବେଳେ ତାଲା ଭଙ୍ଗା ଯାଇଥିଲା। କୋଠରିରେ ଥିବା ଆଲମିରା ମଧ୍ୟ ଭଙ୍ଗା ଯାଇଥିବା ବେଳେ ଜିନିଷପତ୍ର ଫିଙ୍ଗା ଫୋପଡ଼ା ହୋଇଥିଲା।

# ନାଳରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ:ହତ୍ୟା ଅଭିଯୋଗ

ଗୁଣପୁର,୮।୩(ଡି.ଏନ୍.ଏ.)-ରାୟଗଡ଼ ଜିଲା ଗୁଣପୁର ସହରସ୍ଥିତ ମୋତିଲାଲ ନଗରରୁ ସୋମବାର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଛି। ସେ ହେଲେ ସାହିର ଚିନା ଆମଡଙ୍କ(୨୬)। ସୂଚନା ଅନୁଯାୟୀ, ମହିଳାଙ୍କ ମୃତଦେହ ବାଡ଼ିପଟ ନାଳରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡ଼ିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମହିଳାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ତାଙ୍କୁ ପୋଡ଼ି ମାରିଦେଇଥିବା ଗୁଣପୁର ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଶାଶୁଘର ଲୋକେ ମହିଳା ଆତ୍ମହତ୍ୟା କରିଥିବା କହିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ବାପଘର ଆନ୍ଧ୍ର ପ୍ରଦେଶର ହିରମଣ୍ଡଳ ଅଞ୍ଚଳରେ। ୭ବର୍ଷ ତଳେ ସେ ଗୁଣପୁର ମୋତିଲାଲ ନଗର ଅଞ୍ଚଳର ସୁରି କୁମ୍ଭାରଙ୍କୁ ବିବାହ କରିଥିଲେ।

# ରାୟଗଡ଼ାରେ ଗଡ଼ିଲା ମହିଳା ପାଟ୍ରୋଲିଂ ଗାଡ଼ି



ଏସ୍‌ପି ମହିଳା ପାଟ୍ରୋଲିଂ ଗାଡ଼ିର ଶୁଭାରମ୍ଭ କରୁଛନ୍ତି।

ରାୟଗଡ଼ା ଅଫିସ,୮।୩

ଅନ୍ତର୍ଜାତୀୟ ମହିଳା ଦିବସରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ମହିଳା ପାଟ୍ରୋଲିଂ ଗାଡ଼ିର ଶୁଭାରମ୍ଭ କରିଛନ୍ତି। ଏହି ଗାଡ଼ି ମହିଳାଙ୍କ ସୁରକ୍ଷାରେ ନିୟୋଜିତ ହେବ। ଏଥିରେ ମହିଳା କନଷ୍ଟେବଳ ରହିବେ ଏବଂ

**ମହିଳାଙ୍କୁ ଦେବ ସୁରକ୍ଷା**

ଗାଡ଼ି ବିଭିନ୍ନ ସ୍କୁଲ, କଲେଜ ଅଞ୍ଚଳରେ ବୁଲିବ। ରାସ୍ତାରେ ଯିବା ସମୟରେ ସ୍କୁଲ ଓ କଲେଜ ଛାତ୍ରୀ ଯେପରି ରୋଡ୍ ରୋମିଓଙ୍କ ଶିକାର ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସୂଚନା ମିଳିଛି।

# ଆଦିବାସୀଙ୍କ ହକ୍ ପାଇଁ ବିଶାଳ ସମାବେଶ

ଚିତ୍ରକୋଣ୍ଡା,୮।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ସିପିଆଇ(ଏମ୍) ପକ୍ଷରୁ ଦଶ ଦଫା ଦାବିନେଇ ବିରାଟ ସମାବେଶ କରାଯାଇଛି। ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ଆଲି କିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ହଜାର ହଜାର ସିପିଆଇ କର୍ମୀ ଚିତ୍ରକୋଣ୍ଡା ଆମ୍ବେଡ଼କର ଛକରୁ ଏକ ବିଶାଳ ରାଲିରେ ସହର ପରିକ୍ରମା କରି ହାଟପଦାରେ ପହଞ୍ଚିଥିଲେ। ସେଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା

କେନ୍ଦ୍ର ସରକାର ଲାଗୁ କରିଥିବା ୩ଟି କୃଷି ଆଇନକୁ ବାତିଲ, ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରି ଦର କମାଇବା, ଆଦିବାସୀଙ୍କୁ ଜଙ୍ଗଲ ଆଇନ ଅନୁଯାୟୀ ୧୦ ଏକର ଜମି ପଟ୍ଟା ପ୍ରଦାନ, ବାସହିନଙ୍କୁ ଘର ପ୍ରଦାନ, ସ୍ୱାଭିମାନ ଅଞ୍ଚଳର ସମସ୍ତ ପଞ୍ଚାୟତରେ ସରକାରୀ ହାଇସ୍କୁଲ, ହସ୍ପିଟାଲ ନିର୍ମାଣ, ଚିତ୍ରକୋଣ୍ଡା ଅଞ୍ଚଳର ବଳକା ପ୍ରୋଜେକ୍ଟ ଜମି ଭୂମିହୀନଙ୍କୁ ବଣ୍ଟନ, ଦଖଲ ଭିତ୍ତିରେ ପଟ୍ଟା ପ୍ରଦାନ, ସ୍ୱାଭିମାନ ଅଞ୍ଚଳରେ ମତ୍ସ୍ୟଚାଷ, ଲାଭଦାୟକ ଫଳ ଚାଷ ବ୍ୟବସ୍ଥା, ଗ୍ରାମାଞ୍ଚଳରେ ପକ୍କା ରାସ୍ତା ନିର୍ମାଣ, ପ୍ରତି ଗ୍ରାମକୁ ବିଜୁଳି ଏବଂ ଟେଲିଫୋନ ବ୍ୟବସ୍ଥା, ଚିତ୍ରକୋଣ୍ଡାରେ ସରକାରୀ ଆଇ.ଟି.ଆଇ ନିର୍ମାଣ କରିବା,ଆଦିବାସୀମାନଙ୍କୁ ବିଶ୍ୱାସକୁ ନେଇ ସମଗ୍ର ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜନାର୍ଦ୍ଦନ ପତି ବରିଷ୍ଠ ନେତା ବ୍ରଜ ମାଝି, ମାଲକାନଗିରି ଜିଲା ସମ୍ପାଦକ ଭୂପେଶ କର୍ମକାର, କୃଷ୍ଣ ପାଣ୍ଡି, ବଳରାମ ଗୋଲାରୀ,ରଘୁନାଥ ହନ୍ତାଳ, ଲକ୍ଷ୍ମୀ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।

**ସିପିଆଇ(ଏମ୍) ପକ୍ଷରୁ ଶୋଭାଯାତ୍ରା**



## ସଂକ୍ଷେପରେ

### ଆନ୍ତଃଜିଲ୍ଲା କ୍ରିକେଟ ଦଳ ପାଇଁ ଆଜିଠୁ ଚୟନ ମ୍ୟାଚ୍

ନବରଙ୍ଗପୁର,୮।୩(ବି.ପ୍ର.)- କଟକରେ ହେବାକୁ ଥିବା କ୍ରିକେଟ ଟୁର୍ନାମେଣ୍ଟରେ ଭାଗ ନେବାକୁ ଜିଲାର ଖେଳାଳିମାନେ ନାମ ପଞ୍ଜିକରଣ କରିଛନ୍ତି। ଜିଲା କ୍ରିକେଟ ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେଡ୍, ଗ୍ରୀନ, ବ୍ଲୁ ଏବଂ ୟେଲୋ ନାମରେ ଚାରି ଦଳ ଗଠନ କରାଯାଇଛି। ସ୍ଥାନୀୟ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଚୟନ ପକ୍ରିୟା ଅରମ୍ଭ ହେବ। ଏହା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମିଡ଼ିଆ କମିଟି ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲା କ୍ରିକେଟ କୋଚ ଏମ୍.ବାଲା କୃଷ୍ଣା ରାଓଙ୍କ ଅଧକ୍ଷତାରେ ଅମ୍ପାୟରଙ୍କ କମିଟି ଏବଂ ସମ୍ପାଦକଙ୍କ ଅଧକ୍ଷତାରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଜିଲା କ୍ରୀଡ଼ା ସଙ୍ଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ, କୋଷାଧକ୍ଷ ଶଶାଙ୍କ ଶେଖର ବେହେରା, ବୁଲୁ ସୁନା,ରମେଶ ସତନାମୀ,ପପୁ ଖାନ, ରମେଶ ସାମନ୍ତରାୟ, ସବୀର ବେଗ, ମନୋଜ ସାଧୁ, ଡାନିଆଲ ଏବଂ ଏମ୍. ଡି. ଜାଫର ପ୍ରମୁଖ ସଭ୍ୟ ଭାବରେ ମନୋନୀତ ହୋଇଛନ୍ତି। ଏହି ଲିଗ ଟୁର୍ନାମେଣ୍ଟ ପାଇଁ ଓଡିଶା କ୍ରିକେଟ ସଂଘ ପକ୍ଷରୁ କଟକର ବିରାଜ ଦାସଙ୍କୁ ପର୍ଯ୍ୟବେକ୍ଷକ ଭାବେ ମନୋନୀତ କରାଯାଇଛି।

### ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ମଶାରି ବଣ୍ଟନ ଆରମ୍ଭ



ତେନ୍ତୁଲିଖୁଣ୍ଟି,୮।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ରବିବାର ମଶାରି ବଣ୍ଟନ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଉପସ୍ଥିତ ରହି ପରଜା ବାରଙ୍ଗ ପଦରରୁ ଏହାର ଶୁଭାରମ୍ଭ କରିବା ସହ ମଶାରିର ଆବଶ୍ୟକତା ଏବଂ ବ୍ୟବହାର ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ କ୍ରିଷ୍ଣା ବେହେରା ପରିଚାଳନା କରିଥିବାବେଳେ ସ୍ୱାସ୍ଥ୍ୟକର୍ମୀ ସୁପରଭାଇଜର ଯୋଗେଶ ସାହୁ ଏଥିରେ ସହଯୋଗ କରିଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷା, ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ହରିଶ୍ଚନ୍ଦ୍ର ନାୟକ, କୁନା ମହାନ୍ତି, ସୁଧୀର ଖୁରା, ବାବୁନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାରଙ୍ଗ ପଦରରେ ୩୦୨, ଗଡିପୁଟରେ ୧୪୯, ଖାତିଗୁଡ଼ାରେ ୩୩୨, ପୋଡ଼ାଗଡ଼ ଓ ମେଡିକାଲ କଲୋନୀରେ ୨୮୮, ଗୌଡ଼ ଦେଓପାଲିରେ ୨୨୫, ମଞ୍ଚଗାଁରେ ୩୭୨, କେନ୍ଦୁଗୁଡ଼ାରେ ୧୬୦, ବଙ୍ଗଳାଗୁଡ଼ାରେ ୪୪୬, ଅଳଚିଆଗୁଡ଼ାରେ ୧୨୬, ବେହେରାଗୁଡ଼ାରେ ୨୦୫, ବେଡ଼ାପଦରରେ ୧୬୦, ବିରିଗୁଡ଼ାରେ ୪୨୦ ମଶାରି ବଣ୍ଟନ କରାଯାଇଛି। ସମସ୍ତ କାର୍ଯ୍ୟରେ ଅଙ୍ଗନୱାଡି କର୍ମୀ ଏବଂ ଦାୟିତ୍ୱରେ ଥିବା ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିଥିଲେ।

### ବବରିଆ ଗାଁରେ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ

ଚନ୍ଦାହାଣ୍ଡି, ୮।୩(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡା ପଞ୍ଚାୟତ ବବରିଆ ଗ୍ରାମରେ ଏକ ଶିବମନ୍ଦିର ପ୍ରତିଷ୍ଠା କରାଯାଇଛି। ଚଳିତ ବର୍ଷ ଏଠାରେ ଧୁମଧାମରେ ଶିବରାତ୍ରି ପାଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଆଇଟିଡିଏରେ କାର୍ଯ୍ୟରତ ଯୁବ ସହକାରୀ ଯନ୍ତ୍ରୀ ଗୁଲସନ ମରକାମ ନିଜ ଖର୍ଚ୍ଚରେଏହି ମନ୍ଦିରଟିକୁ ତିଆରି କରିଥିଲେ। ଶିଳ୍ପୀ ଭବାନୀ ଶଙ୍କର ମହାରଣା ମନ୍ଦିରର କାରୁକାର୍ଯ୍ୟ କରିଥିଲେ। ଘନ ଦାସଙ୍କୁ ମନ୍ଦିର ପୂଜାକାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ଗୁଲସନ ମରକାମ ଏବଂ ତାଙ୍କ ସ୍ତ୍ରୀ ଧର୍ମେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀ ସହ ଯାଇ କଳସ ସ୍ଥାପନ କରାଇଥିଲେ। ବେହେରାମୁଣ୍ଡା ସରପଞ୍ଚ ଦଶରଥ ଧୁରୁଆ ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରିକା କର୍ତ୍ତାଭାବେ ଉପସ୍ଥିତ ରହି ପୂଜାକାର୍ଯ୍ୟ ତୁଲାଇଥିଲେ। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ପାଢ଼ୀ,ସାମାଜିକ କର୍ମୀ ଗୌରହରି ନାୟକ, ବଳରାମ ପଟ୍ଟନାୟକ, ତ୍ରିନାଥ ଦାଶ, ଯୁବରାଜ ଜଗତ,ଖବରଦାତା ଶ୍ୟାମସୁନ୍ଦର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି ବିରୋଧରେ ଗର୍ଜିଲେ ଚାଷୀ

ନବରଙ୍ଗପୁର,୮।୩ (ବି.ପ୍ର.)



କୃଷକ ପଦଯାତ୍ରାରେ ସାମିଲ ହୋଇଥିବା ଚାଷୀମାନେ।

**ନବରଙ୍ଗପୁରରେ ପହଞ୍ଚିଲା ପଦଯାତ୍ରା**
- ପୋଲିସ-ଚାଷୀ ଧସ୍ତାଧସ୍ତି
- ଜିଲାପାଳଙ୍କୁ ଦାବିପତ୍ର
- କିଷାନ ପଦଯାତ୍ରାକୁ କଂଗ୍ରେସର ସମର୍ଥନ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରୁ ୩ତାରିଖରୁ ବାହାରିଥିବା କିଷାନ ପଦଯାତ୍ରା ସୋମବାର ନବରଙ୍ଗପୁରରେ ପହଞ୍ଚିଛି। ଚାଷୀମାନେ ଏଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଇଥିଲେ। ଶତାଧିକ ଚାଷୀ ଜିଲାପାଳଙ୍କ ଅଫିସ ଭିତରକୁ ଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଜିଲାପାଳଙ୍କ ଅନୁମତିକ୍ରମେ ୧୬ଜଣିଆ ଟିମ୍ ଜିଲାପାଳ ଅଜିତ୍ କୁମାର ମିଶ୍ରଙ୍କ ସହ ଆଲୋଚନା କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି।

ମଣ୍ଡିରେ ଦୁର୍ନୀତି ଅଭିଯୋଗ ଓ ଚାଷୀଙ୍କ ସମସ୍ୟା ସମାଧାନ ଦାବିରେ କୃଷକ ନେତା କ୍ଷେମରାଜ ବାଘଙ୍କ ନେତୃତ୍ୱରେ ଚନ୍ଦାହାଣ୍ଡିରୁ ୩ ତାରିଖରୁ କିଷାନ ପଦଯାତ୍ରା ବାହାରିଥିଲା। ଏହି ପଦଯାତ୍ରା ଝରିଗାଁ, ଉମରକୋଟ, ଡାବୁଗାଁ ଓ ପାପଡ଼ାହାଣ୍ଡି ଦେଇ ସୋମବାର ନବରଙ୍ଗପୁରରେ ପହଞ୍ଚିଥିଲା। ଏଠାରେ ପହଞ୍ଚିବା ପରେ ଜିଲା କଂଗ୍ରେସର ସମର୍ଥନରେ ଏକ କୃଷକ ମହାସମାବେଶ ହୋଇଥିଲା। ଚାଷୀମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଦାବିପତ୍ର ଧରି କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ସମୟରେ ପୋଲିସ ଏବଂ ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହା ପରେ ଜିଲାପାଳଙ୍କ ଅନୁମତି ପରେ କଂଗ୍ରେସ ନେତା ପ୍ରଦୀପ ମାଝିଙ୍କ ସମେତ ଏକ ୧୬ ଜଣିଆ ଟିମ୍ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ମଣ୍ଡିରେ ଚାଷୀଙ୍କ ଧାନ ଉଠୁ ନ ଥିବା ବେଳେ ଅନେକ ନକଲି ଚାଷୀ ଧାନ ବିକ୍ରି କରୁଛନ୍ତି। ଧାନ ବିକିବା ସତ୍ତ୍ୱେ ଚାଷୀଙ୍କୁ ସେମାନଙ୍କ ଟଙ୍କା ମିଳୁନି ବୋଲି ଜିଲାପାଳଙ୍କୁ କହିଥିଲେ। ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରକୃତ ଚାଷୀଙ୍କ ପଡ଼ି ରହିଥିବା ଧାନକୁ ସରକାରଙ୍କ ସହ ଆଲୋଚନାକରି ଉଠାଇବାକୁ ଚେଷ୍ଟା କରିବେ ବୋଲି ଜିଲାପାଳ କହିଥିଲେ। ପଦଯାତ୍ରାରେ ଚାଲିଚାଲି ଅନେକ ଚାଷୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତଥାପି ମଧ ଜଣେ ହେଲେ ପ୍ରଶାସନିକ ଅଧିକାରୀ ଆସି ନ ଥିବା ପ୍ରଦୀପ ମାଝି ଅଭିଯୋଗ କରିଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ଏହି ଚାଷୀ ଆନ୍ଦୋଳନରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ବିଧାୟକ ସଦନ ନାୟକ, ଭୁଜବଳ ମାଝି, ନଗର କଂଗ୍ରେସ ସଭାପତି ଲାଲୁ ତ୍ରିପାଠୀ, ପରୀ ସାହୁ , ଅଖିଳ ଭତ୍ରା, ବୃନ୍ଦାବନ ତ୍ରିପାଠୀ, କୁନା ପାଢ଼ୀଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇଥିଲେ।

## ୧୪ ବର୍ଷ ପରେ ନାଗାବଳୀ ହଷ୍ଟେଲରେ ମେସ୍ ସୁବିଧା

ରାୟଗଡ଼ା ଅଫିସ,୮।୩

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନାଗାବଳୀ ଛାତ୍ରାବାସରେ ମେସ୍ ବ୍ୟବସ୍ଥା ଆରମ୍ଭ ହୋଇଛି। କଲେଜର ଅଧକ୍ଷା ଭି. ଆର୍. ରତ୍ନଶ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହୋଇଛି। ସୂଚନାଯୋଗ୍ୟ, ନାଗାବଳୀ ଛାତ୍ରାବାସ ଆରମ୍ଭ ହୋଇ ୧୪ ବର୍ଷ ବିତିଯାଇଥିଲେ ମଧ ମେସ୍ ବ୍ୟବସ୍ଥା ନ ଥିଲା। ଯଦ୍ୱାରା ଛାତ୍ରୀଛାତ୍ରମାନେ ଖାଦ୍ୟ ପ୍ରସ୍ତୁତ କରିବାରେ ସମୟ ନଷ୍ଟ ହେଉଥିଲା। ତେବେ ବିଳମ୍ବରେ ହେଲେ ମଧ କଲେଜ କର୍ତ୍ତୃପକ୍ଷଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଛି। ମେସ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷଙ୍କ ସମେତ ହଷ୍ଟେଲ ଅଧକ୍ଷ ଉଦୟ ନାଏକ, ପ୍ରାଧ୍ୟାପିକା ବବିଳତା ସର୍ପ, ପ୍ରାଧ୍ୟାପକ ଅରୁଣ କୁମାର ଖାଡ଼ଙ୍ଗା, ଅରୁଣ କୁମାର ମିଶ୍ର ଏବଂ ଅଧାପକ ଭବେଶ ମହାନ୍ତି ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବିଷମକଟକ,୮।୩

ବିଷମକଟକ ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ୍ ସଭାଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଞ୍ଚଳର ମହିଳା ସାମିଲ ହୋଇଥିଲେ। ତାଲୁକ ଆଇନ ସେବା କମିଟର ଅଧକ୍ଷ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ, ସେମାନଙ୍କ ପାଇଁ ରହିଥିବା ଆଇନ ସୁବିଧା, ନିର୍ଯ୍ୟାତନା ପୀଡ଼ିତଙ୍କ ନିମନ୍ତେ ରହିଥିବା ସହାୟତା ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା।

ସେହିପରି ବ୍ଲକ୍ ବିଜେଡି ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପ ଠାରେ ମହିଳା ଦିବସ ପାଳନ କରାଯାଇଥିଲା।


ବୈଠକରେ ମଞ୍ଚାସୀନ ଅତିଥିମାନେ ।

ତଥା ବରିଷ୍ଠ ଦେୱାନୀ ଜଜ୍ ଏବଂ ସହକାରୀ ଦୋରା ଜଜ୍ ସୁଷମା ସ୍ୱାଇଁ ସଭାକୁ ସମ୍ବୋଧିତ କରିଥିବାବେଳେ ବିଷମକଟକ କୋର୍ଟର ଅତିରିକ୍ତ ମୁନ୍‌ସିଫ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୁମାର ସ୍ୱନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ମା’ ମାର୍କମା କଲେଜର ଅଧ୍ୟାପକ ଦୀପ୍ତିରାଣୀ ମିଶ୍ର, ବିଷମକଟକ କୋର୍ଟର ଏପିପି ରଶ୍ମିତା ମହାନନ୍ଦ ଏବଂ ନବୀନ ବିକାଶ ସଂସ୍ଥାର ସଭାପତି ବାଳମୁକୁନ୍ଦ ପାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଏଥିରେ ମୁଖ୍ୟ ଅତିଥିଭାବେ କୋଲନରା ବ୍ଲକ୍ ଜିଲା ପରିଷଦ ସଭ୍ୟା ସୁମୀ ହିମିରିକା ଓ ବ୍ଲକ୍ ଅଧକ୍ଷା ବିଜୟଶାନ୍ତି କୁମ୍ବୁରିକା ଏବଂ ସମ୍ମାନୀତ ଅତିଥି ରୂପେ ମୁନିଗୁଡ଼ା ବ୍ଲକ୍‌ର ସମିତି ସଭ୍ୟା ଲାବଣ୍ୟବତୀ ପାଣିଗ୍ରାହୀ, ପୂର୍ବତନ ଉପ ଜିଲା ପରିଷଦ ସଭ୍ୟା ସୁକୁନ୍ତଳା ନୁଣ୍ଡରୁକା ଓ ବିଷମକଟକ ସରପଞ୍ଚ କମଳା ପିଡିକାକା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ରହି ମହିଳା ସଶକ୍ତିକରଣ ନିମନ୍ତେ ରହିଥିବା ବିଭିନ୍ନ ସୁବିଧା ବିଷୟରେ କହିଥିଲେ।

# ଜିଲାର ବିଭିନ୍ନ ସମସ୍ୟା ଶୀଘ୍ର ସମାଧାନ ହେବ

ଉମରକୋଟ,୮।୩(ସ୍ୱ.ପ୍ର.)–


ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ତ୍ରୈୟବାର୍ଷିକ ସମ୍ମିଳନୀ**

ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକରୀ ସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ୯ମ ତ୍ରୟବାର୍ଷିକ ସମ୍ମିଳନୀ ଓ ଦକ୍ଷିଣାଞ୍ଚଳ ୫ମ ପ୍ରାନ୍ତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା, ନୂଆପଡ଼ା, ମାଲକାନଗିରି, କନ୍ଧମାଳ, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର ଜିଲା ଶାଖାର ସଦସ୍ୟା ଓ ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୁତାର, ଉପ ଜିଲାପାଳ ଭାସ୍କର ରଇତ, ଉମରକୋଟ ତହସିଲଦାର ହିମାଞ୍ଚଳ ମାଝି, ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଅଖତର, ଯୁଗ୍ମ ସମ୍ପାଦକ ଅରୁଣ ଦାସ, ଉପଦେଷ୍ଟା ହରିହର ଶତପଥୀ, ଦକ୍ଷିଣାଞ୍ଚଳ ଜୋନ୍‌ର ସମ୍ପାଦକ ସତ୍ୟ ନାରାୟଣ ମେହେର, ଉପ ସଭାପତି ଧୀରେନ୍ କୁମାର ପଣ୍ଡା ଯୋଗ ଦେଇଥିଲେ। ଜିଲା ସଂଘର ସଭାପତି ସୁରେଶ ଚନ୍ଦ୍ର ହିଆଲ୍ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜିଲାରେ ରହିଥିବା ବିଭିନ୍ନ ସମସ୍ୟା ତଥା ସଂଘର ଦାବିଗୁଡ଼ିକୁ ଉପସ୍ଥାପନ କରାଯାଇଥିଲା। ଜିଲାର ରାଜସ୍ୱ କ୍ଷେତ୍ର ଅଧିକରୀ ସଂଘର ସର୍ବନିମ୍ନ ଆବଶ୍ୟକତା ଯଥା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ବିଦ୍ୟୁତ୍ ସଂଯୋଗୀକରଣ, ମୋବାଇଲ ଭତ୍ତା, ଗସ୍ତ ଖର୍ଚ୍ଚ ଆଦି ଶୀଘ୍ର ପୂରଣ କରିବା ନିମନ୍ତେ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଜିଲାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ନୂତନ ଜିଲା ସଭାପତି ରୂପେ ପି. ଉଦୟ କୁମାର, ସାଧାରଣ ସମ୍ପାଦକ ଏସ. ଚନ୍ଦନ ଭୂଷଣ, ଯୁଗ୍ମ ସମ୍ପାଦକ ମୋନାଲିସା ପଣ୍ଡା, ଉପସଭାପତି ଜୟଦେବ ପ୍ରଧାନୀ ଓ ବସନ୍ତ କୁମାର ବିଶୋୟୀ, କୋଷାଧକ୍ଷ ରୂପେ ରାଜେଶ ଦିୱାରୀ ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା।

## ନିଗମାନନ୍ଦ ଆଶ୍ରମର ପ୍ରତିଷ୍ଠା ଉତ୍ସବ

ନବରଙ୍ଗପୁର, ୮।୩(ବି.ପ୍ର.)
ନବରଙ୍ଗପୁର ସହର ଗାନ୍ଧୀନଗରସ୍ଥିତ ନିଗମାନନ୍ଦ ଆଶ୍ରମର ୨୬ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ସକାଳ ସମୟରେ ଜାଗରଣ, ପ୍ରତୀକ୍ଷା, ଆବାହନ ଓ ମଙ୍ଗଳଆଳତି କରାଯାଇଥିଲା। ନିଳାଚଳ ସାରସ୍ୱତ ସଂଘ କେନ୍ଦ୍ରର ପୂଜକ ଦୀପକ କୁମାର ପଣ୍ଡା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଗୁରୁ ମହାରାଜଙ୍କ ସ୍ଥଳରେ ଭକ୍ତମାନେ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରିଥିଲେ। ଭବାନିପାଟନା ଜଳସେଚନ ବିଭାଗ ସହାକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଧର୍ମସଭାରେ କୁସ୍କେଲା ସଂଘର ପଞ୍ଚାନନ ଦାସ ଓ ସମ୍ପାଦକ ନରେନ୍ଦ୍ର କୁମାର ପାଳ ଯୋଗଦେଇ ନିଗମାନନ୍ଦଙ୍କ ବାଣୀ ଉପରେ ଆଲୋକପାତ କରିଥିଲେ। ଆଶ୍ରମର ସଭାପତି ନାରାୟଣ ପଣ୍ଡା, ପ୍ରଫୁଲ୍ଲ କୁମାର ପଣ୍ଡା , ଚିନ୍ମୟ ପାଳ, ଦିବ୍ୟମୋହନ ବେହେରା, ଦେବବ୍ରତ ସାମନ୍ତରାୟ, ଦାମୋଦର ବେହେରା, କୃଷ୍ଣ କେଉଟ, ଫୁଲଚାନ୍ଦ ଭତରା, ନେପାଳ କେଉଟ, ଗୋପବନ୍ଧୁ ବିଷୋୟୀ, ସୁଶୀଳ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମାଟି ଉଠାଇ ରାସ୍ତା ସଫାକଲେ ଯୁବଗୋଷ୍ଠୀ


ଯୁବକମାନେ ରାସ୍ତା ସଫା କରୁଛନ୍ତି।

ନବରଙ୍ଗପୁର,୮।୩(ବି.ପ୍ର.)

**ଶୁଣିଲାନି ପୌର ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ**

କଥା ଶୁଣିଲେ ନାହିଁ ପୌର ପ୍ରଶାସନ ଓ ଜନସ୍ୱାସ୍ଥ୍ୟ ବିଭାଗ। ଶେଷରେ ସାହି ବାସିନ୍ଦା ଉଠାଇଲେ ଆବର୍ଜନା ଓ ମାଟି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ମଙ୍ଗରାଜ ସାହିଠାରେ । ନବରଙ୍ଗପୁର ପୌରାଞ୍ଚଳ ମଙ୍ଗରାଜ ସାହିରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛାଗଲା। ଠିକାଦାର କିନ୍ତୁ ମାଟି ଓ ମେଟାଲଗୁଡ଼ିକ ଉଠାଇଲେ ନାହିଁ। ଦୀର୍ଘ ମାସ ପର୍ଯ୍ୟନ୍ତ ସାହି ବାସିନ୍ଦା ଅପେକ୍ଷା କରିବା ପରେ ପୌରସଂସ୍ଥାକୁ ଜଣାଇଲେ। ତଥାପି କେହି ଶୁଣିଲେ ନାହିଁ। ଏହି କାମ ଜନସ୍ୱାସ୍ଥ୍ୟ ବିଭାଗର ବୋଲି କହି ତାହାକୁ ଏଡ଼ାଇଦେଲେ। ଜନ ସ୍ୱାସ୍ଥ୍ୟ ବିଭାଗ ମଧ ଅଭିଯୋଗ ଶୁଣିଲେ ନାହିଁ। ଠିକାଦାର ପାଇପ ବିଛାଇବା ସ୍ଥାନରେ ସିମେଣ୍ଟ କଂକ୍ରିଟ କରିବ ବୋଲି କହି ଚୁପ୍ ରହିଗଲେ। ଅଳିଆ ପଡ଼ି ରାସ୍ତା ସଂକୀର୍ଣ୍ଣ ହୋଇଯାଇଥିବାରୁ ଯାତାୟାତରେ ସମସ୍ୟା ଦେଖାଯାଉଥିଲା। ତେଣୁ ମଙ୍ଗରାଜସାହିର ଯୁବଗୋଷ୍ଠୀ ଉକ୍ତ ଅଳିଆ ଉଠାଇଛନ୍ତି।

# ମୁକୁନ୍ଦପୁରକୁ ହରାଇ କୁଯେନ୍ଦ୍ରୀ ଚାମ୍ପିୟନ

ଚନ୍ଦ୍ରପୁର,୮।୩(ଡି.ଏନ.ଏ)


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ପ୍ରଫୁଲ୍ଲ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା ସଦର ବାପୁଜୀ ନଗରଠାରେ ଦୀର୍ଘ ୪୦ଦିନ ଧରି ଚାଲିଥିବା ପ୍ରଫୁଲ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଚନ୍ଦ୍ରପୁର ବ୍ଲକ୍ ଅଧକ୍ଷା ସଙ୍ଗୀତା ପ୍ରଟିଙ୍ଗା ମୁଖ୍ୟ ଅତିଥି, ଡାଙ୍ଗସୋରଡ଼ା ସରପଞ୍ଚ ଧନୁମାଝି କୁମୁରୁକା, ନଳିନୀକାନ୍ତ ମିଶ୍ର, କ୍ରୀଡ଼ାପ୍ରେମୀ ବିଜୟ ଉଲାକା, ସୁଦର୍ଶନ ସାହୁ ସମ୍ମାନୀତ ଅତିଥି ରୂପେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ମୁକୁନ୍ଦପୁର ଏବଂ କୁଯେନ୍ଦ୍ରୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁକୁନ୍ଦପୁର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ୱିକେଟ ହରାଇ ୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ କୁଯେନ୍ଦ୍ରୀ ଦଳ ୧୦ ଓଭରରେ ୩ ୱିକେଟ ହରାଇ ଆବଶ୍ୟକ ୯୭ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୫ହଜାର ଏବଂ ରନର୍ସ ଅପ୍ ଟିମ୍‌କୁ ୧୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ବ୍ୟାଟ୍‌ସମ୍ୟାନ, ବେଷ୍ଟ ବୋଲର, ବେଷ୍ଟ ୱିକେଟ କିପର୍ ଏବଂ ବେଷ୍ଟ କମେଣ୍ଟେଟରଙ୍କୁ ମୁଖ୍ୟବକ୍ତା ବିଜୟ ଉଲାକା ଏବଂ ନିମନ୍ତ୍ରିତ ଅତିଥି ଡାଙ୍ଗସୋରଡ଼ା ଥାନାଧିକାରୀଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଅମ୍ପାୟାରଭାବେ ପ୍ରମୋଦ ଦଣ୍ଡସେନାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ମ୍ୟାଚ୍‌ରେ ଅମ୍ପାୟାରଭାବେ ପ୍ରଶାନ୍ତ ପ୍ରଧାନ, କରୁଣାକର ଗମାଙ୍ଗ ଖେଳ ପରିଚାଳନା କରିଥିଲେ।

## ୨୦୮ ବରିଷ୍ଠ ନାଗରିକଙ୍କୁ କରୋନା ଟିକା

ରାଇଘର, ୮।୩(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ବରିଷ୍ଠ ନାଗରିକଙ୍କୁ କରୋନା ଟିକା ଦିଆଯାଇଛି। ରାଇଘର ତଥା ଆଖପାଖ ଅଞ୍ଚଳର ୨୦୮ ଜଣ ବରିଷ୍ଠ ନାଗରିକଙ୍କୁ ପ୍ରଥମ କରି କରୋନା ଟିକା ଦିଆଯାଇଥିବା ଡ.ରୁପେଶ୍ ଢାଲି ପ୍ରକାଶ କରିଛନ୍ତି। ଦ୍ୱିତୀୟ ଟିକା ୨୮ ଦିନପରେ ଦିଆଯିବ।

# ଅଦା ଟ୍ରକ୍‌ରୁ ୧୯୦ କେ.ଜି. ଗଞ୍ଜେଇ ଜବତ

ରାୟଗଡ଼ା ଅଫିସ,୮।୩
ରାୟଗଡ଼ା ଟାଉନ୍ ଥାନା ପୋଲିସ ଏକ ଅଦା ବୋଝେଇ ଟ୍ରକ୍‌ରୁ ୧୯୦ କେ.ଜି. ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, କୋରାପୁଟ ଜିଲାର ପାଡୁଆରୁ ରାୟପୁରକୁ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ କରାଯାଇଥିବା ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇ ମଝିଘରିଆଣୀ ମନ୍ଦିର ନିକଟରେ ଗାଡ଼ିଟିକୁ ଅଟକାଇଥିଲା। ଯାଞ୍ଚବେଳେ ଗାଡ଼ିରେ ଅଭିନବ ଉପାୟରେ ଅଦା ମଧ୍ୟରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୋଲିସ ୨୦ ଟନ୍ ଅଦା ଏବଂ ୧୯୦ କେ.ଜି. ଗଞ୍ଜେଇ ଜବତ କରିଛି। ଦୁଇ ଗିରଫ ବ୍ୟକ୍ତି ଟ୍ରକ୍ ଚାଳକ ଓ ହେଲପର୍ ବୋଲି ଜଣାପଡ଼ିଛି। ଏ ନେଇ ଅଧିକ ତଦନ୍ତ ଚଳାଇଥିବା ପୋଲିସ ସୂଚନା ଦେଇଛି।

## ମହିଳା ଖବରଦାତା, କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର,୮।୩(ବି.ପ୍ର.)

**ଅନ୍ତର୍ଜାତୀୟ ମହିଳା ଦିବସ**

ତେରାପଞ୍ଚ ମହିଳା ମଣ୍ଡଳ ପକ୍ଷରୁ ସୋମବାର ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି। ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ମହିଳା ଖବରଦାତା, ଲେଖିକା ପ୍ରଭାତୀ ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିଭଳି କରୋନା ଯୋଦ୍ଧା ସିଡିଏମ୍‌ଓ ଡ଼ଃ ଶୋଭାରାଣୀ ମିଶ୍ର, ସ୍ୱାସ୍ଥ୍ୟକର୍ମୀ ନିରୁପମା ବେହେରା, ସେବତୀ ସାହୁ, ମଞ୍ଜୁଲତା ଗିରିଙ୍କୁ ମଧ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ତେରାପଞ୍ଚ ମହିଳା ମଣ୍ଡଳ ସଦସ୍ୟା ସୁଷମା ଜୈନ ଧନ୍ୟବାଦ ଦେଇଥିଲେ।


ପ୍ରଭାତୀ ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସରିଲା ନାମାଙ୍କନ ଦାଖଲ ଓକିଲ ସଂଘ ନିର୍ବାଚନ

ନବରଙ୍ଗପୁର,୮।୩(ବି.ପ୍ର.)
ନବରଙ୍ଗପୁର ଜିଲା ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟାରେ ନାମାଙ୍କନ ଦାଖଲ ଶେଷ ହୋଇଛି। ଅନ୍ତିମ ଦିବସରେ ସଭାପତି ପଦବୀ ପାଇଁ ମୋଟ ୩ ଜଣ, ଉପ ସଭାପତି ସମେତ ସହ ସମ୍ପାଦକ , କୋଷାଧକ୍ଷ ପଦବୀରେ ୨ଜଣ ଲେଖାଏଁ ଓ କାର୍ଯ୍ୟକାରୀ ସଦସ୍ୟ ପଦବୀରେ ୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀମାନଙ୍କ ତାଲିକା ୯ ତାରିଖ ପ୍ରକାଶ ପାଇବ। ୧୦ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସି.ଏଚ୍. ବାବା ଯୁଗନ୍ଧର ସୂଚନା ଦେଇଛନ୍ତି। ସହ ନିର୍ବାଚନ ଅଧିକାରୀଭାବେ ଆଇନଜୀବୀ କିଶୋର ପଟ୍ଟନାୟକ ଓ ଏମ୍ ଡି.ତାଜ ଇମ୍ରାନ ସରିଫ ଦାୟିତ୍ୱ ତୁଲାଉଛନ୍ତି।

# ନାରୀମାନେ ସମାଜର ମେରୁଦଣ୍ଡ

ଝରିଗାଁ, ୮।୩(ସ୍ୱ.ପ୍ର.)



ବୈଠକରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ନାବାର୍ଡ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ନାବାର୍ଡ ଡିଜିଏମ୍ ଆର୍.ସି ମୁଖ୍ୟ ଅତିଥି, ଡିଡିଏମ୍ ବିକାଶ ଟିଗା,ଏଲଡିଏମ୍ ସୁକୁମାର ବକ୍ସି, ବିଡିଓ ପ୍ରଶାନ୍ତ କୁମାର ରାଉତ, ପ୍ରାଣୀ ଚିକିତ୍ସକ ଡାକ୍ତର ସାରଦା ନାୟକ, ଅତିରିକ୍ତ କୃଷି ଅଧିକାରୀ ସୁନିତା ସିଂ, ଓଏଲ୍‌ଏମ୍ ବ୍ଲକ ସଂଯୋଜକ ରଶ୍ମୀରଞ୍ଜନ ପାତ୍ର, ଏସ୍‌ବିଆଇଶାଖା ପରିଚାଳକ ପ୍ରଭାତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହିଳାମାନେ ସମାଜର ମେରୁଦଣ୍ଡ ବୋଲି ଅତିଥିମାନେ କହିଥିଲେ। ଡେଙ୍ଗାଗୁଡା ଗ୍ରାମର ମହିଳା ଚାଷୀ ଦେବକୀ ଗଣ୍ଡ, ତାରାକୋନାଡି ଗ୍ରାମର କାମିନି ଭାତ୍ରାଙ୍କୁ ସମ୍ମାନିତ କରାଯାଇଛି। ଟୁଟିଗୁଡା ଗ୍ରାମର ମା’ ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରେଷ୍ଠ ଏସ୍‌ଏଚଜି ଲିଡ୍ ଇଣ୍ଟରପେନିୟର ଭାବେ ଧୋଡ୍ରା ଗ୍ରାମର ମା’ ଶାରଳା ମହିଳା ସ୍ୱୟଂ ସହାୟିକା ଦଳ ଏବଂ ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟିକା ଭାବେ ଡେଙ୍ଗାଗୁଡା ଗ୍ରାମର ମା ବସୁକି ଆଦିଶକ୍ତ ଗୋଷ୍ଠୀକୁ ଅତିଥିମାନେ ପୁରସ୍କୃତ କରିଛନ୍ତି। ହର୍ଷ ଟ୍ରଷ୍ଟ ସଂସ୍ଥାର ପ୍ରୋଗ୍ରାମ ସଂଯୋଜକ ଦେବାଶିଷ ପତି, ପ୍ରବୀଣ ତ୍ରିପାଠୀ, ଦ୍ରପନାରାୟଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୬ ଦାଖଲ କଲେ ପ୍ରାର୍ଥୀପତ୍ର

କୋରାପୁଟ,(ସ୍ୱ.ପ୍ର.)- କୋରାପୁଟ ବାର ଆସୋସିଏଶନ ନିର୍ବାଚନ ପାଇଁ ସୋମବାର ୧୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆସନ୍ତା ୨୭ରେ କର୍ମକର୍ତ୍ତା ନିର୍ବାଚନ ହେବ। ସୋମବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ଥିଲା। ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ପଦବୀ ଲାଗି ଦୁଇ ଜଣ ଲେଖାଏ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୮ଟି କାର୍ଯ୍ୟକାରୀ ସଦସ୍ୟ ପଦବୀ ପାଇଁ ୮ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ କମଳାକାନ୍ତ ଦାସ କହିଛନ୍ତି। ଆସନ୍ତା ୧୦ରେ ନାମାଙ୍କନପତ୍ର ଯାଞ୍ଚ, ୧୩ରେ ନାମାଙ୍କନପତ୍ର ପ୍ରତ୍ୟାହାର ନେଇ ଧାର୍ଯ୍ୟ ହୋଇଛି।

## ସଂକ୍ଷେପରେ

### କାଳିଆଝୋଲି ନିକଟରୁ ଲ୍ୟାଣ୍ଡମାଇନ ଉଦ୍ଧାର

ବୈପାରିଗୁଡ଼ା,୮।୩ (ଡି.ଏନ୍.ଏ.)- କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧୀନ ରାମଗିରି ଫାଣ୍ଡି ଅନ୍ତର୍ଗତ ରାମଗିରି- ଦଣ୍ଡାବାଡି ରାସ୍ତାର କାଳିଆଝୋଲି ନିକଟରୁ ସୋମବାର ଏକ ଲ୍ୟାଣ୍ଡମାଇନ୍‌କୁ ବିଏସ୍‌ଏଫ ଯବାନମାନେ ଉଦ୍ଧାର କରିଛନ୍ତି। ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ସମୟରେ ରାସ୍ତା ତଳେ ପୋତା ଯାଇଥିବା ଏହି ଲ୍ୟାଣ୍ଡ ମାଇନିକୁ ଠାବ କରିଥିଲେ। ଯବାନମାନଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ଏପରି ଲ୍ୟାଣ୍ଡମାଇନ ପୋତିଥିବା ସନ୍ଦେହ କରାଯାଉଛି। ପରେ ଏହାକୁ ଉଦ୍ଧାର କରି ନିଷ୍କ୍ରିୟ କରି ଦେଇଥିଲେ। ଏ ସମ୍ପର୍କରେ ବିଏସ୍‌ଏଫ୍‌ଙ୍କଠାରୁ ଅଧିକ ସୂଚନା ମିଳି ନ ଥିବା ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି।

### ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ କର୍ମଶାଳା

କୋରାପୁଟ,୮।୩(ସ୍ୱ.ପ୍ର.)- କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ କୋରାପୁଟ ଜିଲାରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ଗ୍ରାମୀଣ ଫେଜ-୨ର କାର୍ଯ୍ୟଖସଡ଼ା ପ୍ରସ୍ତୁତି ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକଙ୍କ ସମେତ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ନିଆଯାଇଥିବା ୧୬ଟି ଗ୍ରାମପଞ୍ଚାୟତରେ କିପରି କଠିନ , ତରଳ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା କରାଯିବ ସେ ନେଇ ଆଲୋଚନା ହୋଇଥିଲା । ସେହିପରି ଗ୍ରାମରୁ ଆବର୍ଜନାମୁକ୍ତ, ପ୍ଲାଷ୍ଟିକମୁକ୍ତ କରି ପ୍ରତି ପଞ୍ଚାୟତକୁ ଓଡିଏଫ୍ ପ୍ଲସ୍ ଘୋଷଣା କରାଯିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା । କର୍ମଶାଳାରେ ଜିଲାର ସମସ୍ତ ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀ, ବ୍ଲକ ନୋଡାଲ ଅଧିକାରୀ, ସରପଞ୍ଚ, ପିଇଓ, ଯନ୍ତ୍ରୀ ଓ ଜିପିଟିଏମାନେ ଉପସ୍ଥିତ ଥିଲେ ।

### ଜିଲାରେ ଗଠିତ ହେଲା ନିର୍ଭୟା ପାଟ୍ରୋଲିଂ ୟୁନିଟ୍



ମାଲକାନଗିରି,୮।୩(ଡି.ଏନ୍.ଏ.)- ମାଲକାନଗିରି ଜିଲା ପୋଲିସ କାର୍ଯ୍ୟାଳୟଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନିର୍ଭୟା ପାଟ୍ରୋଲିଂ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ଏହାକୁ ଏସ୍.ପି. ରିଶିକେଷ ଡି. ଖିଲାରି ଉଦ୍‌ଘାଟନ କରି ୭ଟି ସ୍କୁଟିକୁ ମହିଳା କନଷ୍ଟେବଲମାନଙ୍କୁ ପ୍ରଦାନ କରିଥିଲେ। ମାଲକାନଗିରି ଓ ଓର୍କେଲ ଥାନା ପାଇଁ ଏହି ସ୍କୁଟି ଆସିଛି। ଗଠିତ ନିର୍ଭୟା ପାଟ୍ରୋଲିଂ ୟୁନିଟ୍ ଦ୍ୱାରା ମହିଳା କନଷ୍ଟେବଲମାନେ ପାଟ୍ରୋଲିଂ କରିବା ସହ ବିଭିନ୍ନ ସ୍ଥାନରେ ଶୀଘ୍ର ପହଞ୍ଚି ନିର୍ଯାତିତା ହେଉଥିବା ମହିଳାଙ୍କୁ ସୁରକ୍ଷା ଦେଇପାରିବେ ବୋଲି ଏସ୍‌ପି ଆଶା ପ୍ରକାଶ କରିଛନ୍ତି।

### ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇଁ ସହରରେ ତରଭୁଜ ପସରା



କୋରାପୁଟ ,୮।୩(ସ୍ୱ.ପ୍ର.)- କୋରାପୁଟ ଜିଲାରେ କିଛିଦିନ ହେଲା ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇ ଚାଲିଛି। ଏହାକୁ ଦଅଷ୍ଟିରେ ରଖି ସହରରେ କେତେକ ବ୍ୟବସାୟୀ ତରଭୁଜ ବ୍ୟବସାୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ବ୍ୟବସାୟୀ ବୁଦ୍ଧିଆ ମିଶ୍ର ଆରମ୍ଭ କରିଛନ୍ତି ଏହି ତରଭୁଜ ବ୍ୟବସାୟ। କେଜି ପ୍ରତି ୨୦ ଟଙ୍କା ଦର ରହିଛି। ସୂଚନାଯୋଗ୍ୟ ଗତ ତିନି ଦିନ ହେଲା କୋରାପୁଟ ସହରରେ ତାପମାତ୍ରା ୩୪ରୁ ୩୫ ଡିଗ୍ରୀ ମଧରେ ରହୁଛି।

# ୨ ଯୁବକଙ୍କ ମୃତ୍ୟୁ ନେଇ ଟିପ୍ପର ଜାଳିଦେଲେ ଲୋକେ

ଜୟପୁର,୮।୩(ନି.ପ୍ର.)



ଉତ୍ୟକ୍ତ ଲୋକେ ଜାଳିଦେଇଥିବା ଟିପ୍ପର ।

- ଲୋକଙ୍କ ମାଡ଼ରେ ଡ୍ରାଇଭର ଗୁରୁତର
- କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ
- ଉଭୟ ପାର୍ଶ୍ୱରେ ୪ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ

କୋରାପୁଟ ଜିଲା ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ-୨୬ର ଭିଜିଲାନ୍ସ କାର୍ଯ୍ୟାଳୟ ନିକଟରେ ସୋମବାର ସନ୍ଧ୍ୟା ୬ଟାରେ ଏକ ଦୁଃଖଦ ଘଟଣା ଘଟିଛି। ଏକ ଟିପ୍ପର ୨ଜଣ ଯୁବକଙ୍କୁ ଧକ୍କା ଦେଇଛି। ଫଳରେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣକର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ମିଟୁ ଖରା(୨୦) ଓ ରାହୁଲ ନାୟକ(୨୦)। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ଟିପ୍ପରରେ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରି ବସିଥିବାରୁ ଉଭୟ ପାର୍ଶ୍ୱରେ ଗାଡିମୋଟର ଚଳାଚଳ ବନ୍ଦ ରହିଛି।

ଖବରରୁ ଜଣାପଡ଼ିଛି ଜାତୀୟ ରାଜପଥ-୨୬ର ଭିଜିଲାନ୍ସ କାର୍ଯ୍ୟାଳୟ ନିକଟରେ ସନ୍ଧ୍ୟାରେ ବାପୁଜୀନଗର ଅଞ୍ଚଳର ମିଟୁ ଓ ପାରାବେଡ଼ା ଅଞ୍ଚଳର ରାହୁଲ ଛିଡ଼ାହୋଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଏକ ମେଟାଲ ବୋଝେଇ ଟିପ୍ପର ସେମାନଙ୍କୁ ଧକ୍କାଦେଇଥିଲା। ଫଳରେ ଘଟଣାସ୍ଥଳରେ ମିଟୁଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ରାହୁଲଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଟିପ୍ପର ଡ୍ରାଇଭରଙ୍କୁ ନିସ୍ତୁକୁ ମାଡ ମାରିଥିଲେ। ଟିପ୍ପରରେ ନିଆଁ ଲଗାଇ ଦେଇଥିଲେ। ଲୋକେ ଜଗି ରହି ପୋଲିସକୁ ଘଟଣାସ୍ଥଳକୁ ପ୍ରବେଶ କରାଇ ଦେଇ ନ ଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଳୁଥିବା ଟିପ୍ପରକୁ ଲିଭାଇବାକୁ ଚେଷ୍ଟା କରୁଥିବା ବେଳେ ଉତ୍ୟକ୍ତ ଲୋକେ କର୍ମଚାରୀଙ୍କ ଉପରକୁ ପଥରମାଡ କରିଥିଲେ। ଲୋକଙ୍କ ମାଡ଼ରେ ଆହତ ହୋଇଥିବା ଡ୍ରାଇଭରଙ୍କୁ ମଧ୍ୟ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି। ତେବେ କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଏଥିଯୋଗୁ ଉଭୟ ପାଶ୍ୱରେ ୪ଘଣ୍ଟା ଧରି ଗାଡି ଚଳାଚଳ ବନ୍ଦ ରହିଛି। ଖବରପାଇ ତହସିଲଦାର ପ୍ରଧାନ ଗୁଲିମ୍ପା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଟାଉନ ଥାନା ଅଧିକାରୀ ବାଲେଶର ଗିଧି, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ତହସିଲଦାର ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ତେବେ କ୍ଷତିପୂରଣ ନ ମିଳିଲେ ରାସ୍ତା ଅବରୋଧରୁ ହଟିବେ ନାହିଁ ବୋଲି ଲୋକେ ଜିଦ୍ ଧରିଛନ୍ତି।

# ମାଲକାନଗିରି, ସ୍ୱାଭିମାନ ଅଞ୍ଚଳରେ ଅନ୍ତର୍ଜାତୀୟ ମହିଳା ଦିବସ

ମାଲକାନଗିରି/ଚିତ୍ରକୋଣ୍ଡା, ୮।୩ (ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମା ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୌଦାମିନି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଜିଲାପାଳ ଡ. ୱାଇ. ବିଜୟ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ନାବାର୍ଡର ଜିଲା ଉନ୍ନୟନ ପରିଚାଳକ ଧର୍ମେନ୍ଦ୍ର ବେଉରିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ନିଗ୍ଧା ଚୌଧୁରୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ମହିଳା ସଶକ୍ତିକରଣ ଓ ସୁରକ୍ଷା ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହାର ସୁଯୋଗ ନେଇ ମହିଳାମାନେ ଆତ୍ମନିର୍ଭରଶୀଳ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ଚିତ୍ରକୋଣ୍ଡାଠାରେ ଓଡିଶା ଜୀବିକା ମିଶନ ଏବଂ ପରିବର୍ତ୍ତନ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଡ଼ିଓ ଟି. ପଦ୍ମନାଭ ଦୋରା, ବିଏଲସି ସୋମନାଥ କୁମ୍ଭାର, ପରିବର୍ତ୍ତନର ସମ୍ପାଦକ ସନ୍ତୋଷ ଶୁକ୍ଳା, ଏମବିକେ ସୟଦ ସେହେନାଜ ବେଗମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାଭିମାନ ଅଞ୍ଚଳ ବଡପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିମେଳା ମହାବିଦ୍ୟାଳୟର ଅଧାପକ ପ୍ରେମଚାନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥି, ପାପରମେଟଲା ଥାନା ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଦୁଲି, ନିଲାକମ୍ବରୁ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ଓଝା, ଭୋଦେବ ମହାନନ୍ଦି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାରୀମାନଙ୍କର ବହୁବିଧ ପ୍ରତିଭା ଉପରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୨୫ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦୁର୍ଯ୍ୟୋଧନ ସେଠୀ, ବୁଲୁ ସେଠୀ,ଶ୍ରୀକାନ୍ତ ପଢୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପାପରମେଟଲା ପଞ୍ଚାୟତର ଜନ୍ତାପାଇଠାରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ନେଇ ପାଳିତ ହୋଇଯାଇଛି। ଉକ୍ତ କର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଖେଳ, ନାଚ, ଗୀତ, ଏକକ ଅଭିନୟ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଘାସିରାମ ପାଙ୍ଗି , ଘାସୁ ମାଟାମ, ଗୁରୁବାରି ପାଙ୍ଗି ସାତ୍ୟାମା ପାଙ୍ଗି ରାମା ଖରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।





ମାଲକାନଗିରିରେ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ରାଜନୈତିକ ଇଚ୍ଛାଶକ୍ତି ଗୁପ୍ତେଶ୍ୱର ପୀଠର ବିକାଶ କରିପାରିବ

ବୈପାରିଗୁଡ଼ା,୮।୩ (ଡି.ଏନ୍.ଏ.)

**'ଆମ ଭୂମିକା' ଶୀର୍ଷକ ଆଲୋଚନାଚକ୍ର**

ରାଜନୈତିକ ଇଚ୍ଛା ଶକ୍ତି ରହିଲେ ଗୁପ୍ତେଶ୍ୱର ପୀଠର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ରବିବାର ଓଡ଼ିଶା ସାମ୍ବାଦିକ ସଂଘ କୋରାପୁଟ ଶାଖା ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ପଣ୍ଡିମେଶ୍ୱର ମନ୍ଦିର ପରିସରରେ ଆମ ଭୂମିକା ଶୀର୍ଷକ ଏହି ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ଆଲୋଚକ ଭାବେ ଗୌର ଚନ୍ଦ୍ର ପାତ୍ର, ମୁନା ମହାପାତ୍ର, ଆର୍. ଶ୍ରୀନିବାସ ରାଓ, ପି. ରମେଶ ପାତ୍ର, ବିଶ୍ୱଜିତ ନାୟକ ,ସାଥୀରାମ ନାୟକ, ଭବାନୀ ଶଙ୍କର ପଟ୍ଟନାୟକ, ରମାକାନ୍ତ ରାଉଳ, ଟି. ଗୌରୀଶଙ୍କର, ରବି ନାୟକ ଯୋଗଦେଇଥିଲେ। ଗୁପ୍ତେଶ୍ୱର ପୀଠ କୋରାପୁଟ ଜିଲା ବୈପାରିଗୁଡ଼ା ତହସିଲ ଅଧୀନରେ ରହିଛି। ଜୟପୁର ତହସିଲ ଅଧୀନରେ ଥିବା ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହେଉଛି । ତେବେ ପରିଚାଳନାରେ ସ୍ଥାନୀୟ ଲୋକଙ୍କୁ ଉପେକ୍ଷା କରାଯାଉଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ବୈପାରିଗୁଡ଼ା ତହସିଲ ଅଧୀନରେ ଦେବୋତ୍ତର କମିଟି ଗଠନ କରାଯାଇ ଗୁପ୍ତେଶ୍ୱର ପୀଠର ପରିଚାଳନା ଦାୟିତ୍ୱ ଦେବାକୁ ବକ୍ତା ମତ ଦେଇଥିଲେ । ସେହିପରି ଏହି ପୀଠକୁ ଅନ୍ତର୍ଜାତିକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବା, ବାହାରୁ ଆସଥିବା ପର୍ଯ୍ୟଟକଙ୍କ ରହିବା ପାଇଁ ଏଠାରେ ବ୍ୟବସ୍ଥା କରିବା, ଆବଶ୍ୟକ ଭିତିଭୂମି ବିକାଶ ସାଙ୍ଗକୁ ପାନୀୟ ଜଳ, ନିରବଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଆଲୋଚନାଚକ୍ରରେ ଦାବି ହୋଇଥିଲା। ଛତିଶଗଡ଼କୁ ସଂଯୋଗ ପାଇଁ କୋଲାବ ନଦୀ ଉପରେ ଝୁଲା ପୋଲ, ପୀଠରେ ହରିଣ ପାର୍କ ଆଦି କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହ ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ରାଜନୈତିକ ଇଚ୍ଛାଶକ୍ତି ରହିଲେ ଏସବୁ ସମ୍ଭବ ହୋଇପାରିବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ସଂଘର ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ସୂଚନା ଦେଇଥିଲେ । ଖବରଦାତା କଳ୍ପତରୁ ମହାନ୍ତି ପରିଚାଳନା କରିଥିଲେ। ସଂଘର ସୁଧାକର ରାଓ, ଅମରେନ୍ଦ୍ର ପରିଚ୍ଛା, ଏନ୍ .ସନ୍ତୋଷ, ବିକ୍ରାନ୍ତ ବେବର୍ତ୍ତା ସହଯୋଗ କରିଥିଲେ।

# ୩୭.୫ କେଜି ଗଞ୍ଜେଇ ଜବତ, ଧରାପଡ଼ିଲେ ୬

ଏମଭି ୭୯,୮।୩(ଡି.ଏନ.ଏ.)

ଜୟପୁରରୁ ହାଇଦ୍ରାବାଦ ଯାଉଥିବା ଏକ ଯାତ୍ରୀବାହୀ ବସ୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବରପାଇ ମୋଟୁ ଚେକ ପୋଷ୍ଟଠାରେ ରବିବାର ରାତିରେ ମାଲକାନଗିରି ଜିଲା କାଳିମେଳା ବ୍ଲକ ମୋଟୁ ଥାନା ପୋଲିସ ଚଡାଉ କରି ବସ୍‌ରୁ ୩୭.୫ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୬ଜଣ ଧରାପଡିଛନ୍ତି। ୫ଟି ମୋବାଇଲ ଫୋନ, ୫୫୦୦ ଟଙ୍କା ଏବଂ ବ୍ୟବହୃତ ବସ୍(ଓଡି୧୦ଏଲ୍-୩୧୧୧) ଜବତ ହୋଇଛି । ଜବତ ଗଞ୍ଜେଇର ବଜାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ। ଗିରଫ ବ୍ୟକ୍ତିମାନେ ହେଲେ ଏମଭି-୪୧ଗ୍ରାମର ଅଜିତ ଡାକୁଆ (୨୭),ପାଣ୍ଡ୍ରିପାଣିର ସନ୍ତୋଷ, ବସ୍ କଣ୍ଡକ୍ଟର ଜୟପୁର ଜୟନଗରର ଅକ୍ଷୟ ପାଢ଼ୀ (୪୩), ଡ୍ରାଇଭର ଏମପିଭି-୩୦ ଗ୍ରାମର ସୁଧନ୍ୟ ରାୟ(୩୫), ହେଲପର କୁନ୍ଦୁରା ବ୍ଲକ ଡଙ୍ଗରପାଉଁସୀର ନବୀନ ଗଉଡ଼ (୨୧) ଏବଂ ଅନ୍ୟ ଜଣେ ନାବାଳକ ରହିଥିବା ଜଣାପଡିଛି। ଏନେଇ ମୋଟୁ ଥାନାରେ କେସ ନଂ. ୨୧/୨୧ରେ ଏକ ମାମଲା ରୁଜୁ କରାଯାଇ ଗିରଫ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି। ଚଡାଉରେ ଏସଆଇ ବି. ପ୍ରଧାନ, ହାବିଲଦାର ପ୍ରଶାନ୍ତ ଖୋସଲା, ଧର୍ମେନ୍ଦ୍ର କଅଁର,ମୁକୁନ୍ଦ ସୋଡି ଓ ରଘୁନାଥ ଭୂମିଆ ସାମିଲ ହୋଇଥିଲେ।

# ଆଖୁ ଖେତରୁ ମିଳିଲା ଗଞ୍ଜେଇ ଭର୍ତ୍ତି କାର୍



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ ।

ନବରଙ୍ଗପୁର, ୮।୩(ବି.ପ୍ର.)

**୨୬୦ କିଲୋ ଗଞ୍ଜେଇ ଜବତ, ୩ ଗିରଫ**

ନବରଙ୍ଗପୁର ସହର ଉପକଣ୍ଠ ଇନ୍ଦ୍ରାବତୀ ପୋଲ ନିକଟ ଆଖୁ ଖେତରୁ ଗଞ୍ଜେଇ ଭର୍ତ୍ତି ୨ଟି କାରକୁ ନବରଙ୍ଗପୁର ପୋଲିସ ଜବତ କରିଛି। ଯାହାର ଓଜନ ୨୬୦ କିଲୋ। ପୋଲିସ ଏହି ଘଟଣାରେ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡର ଗୋରିଲାପେଣ୍ଡ୍ରା ଜିଲା ଥେଙ୍ଗା ଢାଲଖଣ୍ଡରି ଗାଁର ମହେଶ ପ୍ରସାଦ ରାଥୋଡ଼, ସେମେଶ୍ୱର ଗାଁର ଆମ୍ବର ବିଶ୍ୱକର୍ମା, ମଧ୍ୟପ୍ରଦେଶର ଫୁଲକନା ଗାଁର ଶିବାସଙ୍କର ଖଟି। ନବରଙ୍ଗପୁର ଥାନାରେ ୧୧୭/୨୧ ଓ ୧୧୮/୨୧ରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି। ଏସ୍‌ପି ପ୍ରହ୍ଲାଦ ସହାଇ ମୀନାଙ୍କ ନିର୍ଦ୍ଦେଶ ଓ ଥାନାଧିକାରୀ ତାରିକ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ସଙ୍ଗୀତା ଲୁଗୁନ, ନିଳିମା ପାଣିଗ୍ରାହୀ, ପ୍ରଭାକର ହରିଜନ, ହେମନ୍ତ ହରିଜନ ପ୍ରମୁଖ ଏହି ଚଡାଉରେ ସାମିଲ ହୋଇଥିଲେ।

# ଆଇନ ସଚେତନତା ଶିବିର

ଦଶମନ୍ତପୁର, ୮।୩ ( ଡି.ଏନ.ଏ. )





ଶିବିରରେ ଉପସ୍ଥିତ ଅତିଥି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ସୋମବାର ଏକ ଆଇନ ସଚେତ୍‌ନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକା ଆଇନ ସେବା କମିଟି ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିବେକ ସାସମଲ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ପାତିକା, ଏଏସ୍‌ଆଇ ବାବୁଲା ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀରାମ ପରିଡ଼ା, ଆଇନଜୀବୀ ବିଶ୍ୱନାଥ ବିଶୋୟୀ, ଅଧ୍ୟାପକ ପର୍ଶୁରାମ ସାହୁଙ୍କ ସମେତ ସମସ୍ତ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିବିରରେ ସଡ଼କ ସୁରକ୍ଷା, ମୋଟରଯାନର କେତେକ ଆଇନ, ମୋଟର ଦୁର୍ଘଟଣାଜନିତ ଟ୍ରିବ୍ୟୁନାଲ ଆଇନ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ନିଜେ ସଚେତ୍‌ନ ହେବା ସହ ନିଜ ଗ୍ରାମରେ ମଧ ଏ ସମ୍ପର୍କରେ ସଚେତ୍‌ନ କରିବା ପାଇଁ ସାସମଲ ପରାମର୍ଶ ଦେଇଥିଲେ। ଅଧାପକ ଓ କର୍ମଚାରୀ ଶିବିର ପରିଚାଳନା କରିଥିଲେ।

# ମହିଳା ହେଉଛନ୍ତି ସର୍ବଶକ୍ତିର ଆଧାର

ଜୟପୁର,ସୁନାବେଡ଼ା, ଦଶମନ୍ତପୁର/କୁନ୍ଦୁରା/ ସେମିଳିଗୁଡା (ନି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)



କୁନ୍ଦୁରାରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ମହିଳା ।





ସୁନାବେଡାରେ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଅନ୍ତର୍ଜାତୀୟ ମହିଳା ଦିବସ**

ଜୟପୁରସ୍ଥିତ ଶ୍ରମିକ କର୍ମଚାରୀ ଭବନଠାରେ କମଳା ମୁଦୁଲିଙ୍କ ସଭାପତିତ୍ୱରେ ବିଶ୍ୱ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମହିଳା ସମିତିର ସୁଭଦ୍ରା ଭୂମିଆ, କମଳା ଜାନି, ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି,ସହ ସମ୍ପାଦକ ରାମକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ନାରୀ ସଶକ୍ତୀକରଣ କଥା କୁହାଯାଉଛି। ମାତ୍ର ଏବେ ମଧ ଦେଶର ବିଭିନ୍ନ ଭାଗରେ ନାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତାରିତ ହେଉଛନ୍ତି। ମହିଳାମାନେ ସେମାନଙ୍କ ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରନ୍ତୁ। ସମ୍ପ୍ରତି ଯେଉଁଭଳି ସରକାର ରନ୍ଧନ ଗ୍ୟାସ୍ ଓ ପେଟ୍ରୋଲର ଦର ବୃଦ୍ଧି କରିଚାଲିଛନ୍ତି ସେଥିଯୋଗୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧି ପାଉଛି। ଏହାର ପ୍ରତିବାଦ ମହିଳାମାନେ କରିବା ଆବଶ୍ୟକ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ସଭାରେ ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା କୃଷକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସହ ସମ୍ପାଦକ ରାମକୃଷ୍ଣ ଦାସ, ଛାତ୍ରୀ ଏନ୍. ଚେତନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସୁନାବେଡ଼ା ପୌର ପରିଷଦର କଲ୍ୟାଣ ମଣ୍ଡପଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହିଳା ହେଉଛନ୍ତି ସର୍ବ ଶକ୍ତିର ଆଧାର। ସମାଜର ଉନ୍ନତି କ୍ଷେତ୍ରରେ ପ୍ରତିଟି ମହିଳାଙ୍କ ଅମୂଲ୍ୟ ଅବଦାନ ରହିଛି ବୋଲି ପଡାଲ କହିଥିଲେ। ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥିଭାବେ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ, ବିଜେଡି ମହିଳା ଜିଲା କାର୍ଯ୍ୟକାରିଣୀ ସଭାପତି ରୀତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ମହତ୍ତ୍ୱ ଉପରେ ମତ ରଖିଥିଲେ। ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ବିଜେଡି ଉପସଭାପତି ଭରତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

ଦଶମନ୍ତପୁର ବ୍ଲକସ୍ଥିତ ଅଗ୍ରଗାମୀ କାର୍ଯ୍ୟାଳୟଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋୟୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହିଳାଙ୍କ ନିଷ୍ଠାପର କର୍ତ୍ତବ୍ୟ, ସମ୍ମାନ, ସେମାନଙ୍କ ସୁରକ୍ଷା ନେଇ ମୁଖ୍ୟ ଅତିଥି ମତ ରଖିଥିଲେ। ଚଣ୍ଡାବାଡ଼, ଡୁମ୍ବାଗୁଡ଼ା, ଦଶମନ୍ତପୁର, ଚିକାମ୍ବ ଏବଂ ଲୁଲା ପଞ୍ଚାୟତରୁ ଶତାଧିକ ମହିଳା ଏଥିରେ ଯୋଗଦେଇଥିଲେ।

କୁନ୍ଦୁରା ବ୍ଲକ ସଦରସ୍ଥିତ ଶାସ୍ତ୍ରୀ ମଇଦାନଠାରେ ବିଜେଡି ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇଥିଲେ। ଏସଏଚଜି ମାଧମରେ ମହିଳାମାନେ ସଙ୍ଗଠିତ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ଦିଆନ କହିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ବିଜେଡି ଯୁବ ସଭାପତି ରମାକାନ୍ତ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା କନକଲତା ପେଣ୍ଟିଆ, ଜିଲା ମହିଳା ସଭାନେତ୍ରୀ ସୁଚିତ୍ରା ସ୍ୱାଇଁ, କୋଟପାଡ ଜିଲା ପରିଷଦ ସଭ୍ୟା ବୁରୁପୁତା ଭତ୍ରା, ବୈପାରିଗୁଡା ଜିଲା ପରିଷଦ ସଭ୍ୟା ହୀରାମଣି ଭତ୍ରା, ଜିଲା ବିଜେଡି ଉପ ସଭାପତି ସଞ୍ଜୟ କୁମାର ସାହୁ,ଏମ୍‌ପି ପ୍ରତିନିଧି ତ୍ରିପତି ବାଲାଜୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅନ୍ତର୍ଜାତୀୟ ମହିଳା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

ସେମିଳିଗୁଡା ସାମାଜିକ ନ୍ୟାୟ ପ୍ରତିଷ୍ଠାନ(ଏସଏନପି) ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏସଏନପି ପକ୍ଷରୁ ୫ ଜଣ ଗୃହିଣୀ ମାଳତୀ ଦେବୀ ,ମିନତି ପଟ୍ଟନାୟକ ,ସରୋଜିନୀ ନାୟକ,ଏସ. ପ୍ରେମା କୁମାରୀ, ରେବତୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଛି। ପ୍ରତିଷ୍ଠାନର ସଭାପତି ସଲମା ବାନୋ ଗୃହିଣୀ ମହିଳାମାନଙ୍କ କାର୍ଯ୍ୟଦକ୍ଷତା, ପାରିବାରିକ ଝଞ୍ଜାଳ ସମ୍ପାଦନରେ ସେମାନଙ୍କ ନିଷ୍ଠାପରତା ଉପରେ ଆଲୋଚନା କରି ସେମାନେ ହେଉଛନ୍ତି ଆମର ପ୍ରକୃତ ଗୁରୁ ଓ ମାର୍ଗଦର୍ଶକ ବୋଲି କହିଥିଲେ। ସେମିଳିଗୁଡା ମହାବିଦ୍ୟାଳୟରେ ମଧ ଏହି ଦିବସ ପାଳନ ହୋଇଛି। ଅଧକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ଼ ଅମ୍ବିକା ବଲ୍ଲଭ ବାହିନୀପତି, ଡ଼ ଉମାଶଙ୍କର ପ୍ରସାଦ ପାତ୍ର, ଡ଼ ରମାରଞ୍ଜନ ପଟ୍ଟନାୟକ,ଡ. ବିଦ୍ୟୁତ୍‌ପ୍ରଭା ରାଉତ, ଡଲି ଚୌଧୁରୀ, ପୂଜା ଜୟ ସିଂ, ଗୀତା ପଟ୍ଟନାୟକ ମହିଳା ଦିବସ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଡ. ସରସ୍ୱତୀ ରାୟ ପରିଚାଳନା କରିଥିଲେ।

